ରାଜଧାନୀ ପଞ୍ଚମ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ

TEST
MONKEYPOX VIRUS
POSITIVE
NEGATIVE

ନୂଆଦିଲ୍ଲୀ: ବଢୁଛି ମଙ୍କିପକ୍ସ ଆତଙ୍କ। ରାଜଧାନୀ ଦିଲ୍ଲୀରେ ପଞ୍ଚମ ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି। ସେ ଜଣେ ଆଫ୍ରିକୀୟ ମହିଳା। ତାଙ୍କର ଟ୍ରାଭେଲ ହିଷ୍ଟ୍ରି ରହିଛି। ସେ ମାସେ ତଳେ ନାଇଜେରିଆ ଯାଇଥିଲେ। ଏହି ମହିଳା ଜଣଙ୍କ ଦୁଇ ଦିନ ତଳେ ଲୋକନାୟକ ଜୟ ପ୍ରକାଶ ନାରାୟଣ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ରାତିରେ ତାଙ୍କର ରିପୋର୍ଟ ପଜିଟିଭ୍ ଆସିଥିଲା। ଏକ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। ଦିଲ୍ଲୀରେ ଏବେ ୨ ଜଣ ମହିଳାଙ୍କ ସମେତ ମୋଟ ୪ ଜଣ ମଙ୍କିପକ୍ସରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଆଉ ଜଣେ ଆକ୍ରାନ୍ତ ସୁସ୍ଥ ହୋଇ ଡିସ୍‌ଚାର୍ଜ ହୋଇସାରିଛନ୍ତି। ସଦ୍ୟ ମାମଲାକୁ ମିଶାଇ ଭାରତରେ ମୋଟ ମଙ୍କିପକ୍ସ ଆକ୍ରାନ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ଦେଶରେ ମଙ୍କିପକ୍ସ ମାମଲା ବଢୁଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏକ ଗାଇଡଲାଇନ୍ ଜାରି କରିଛନ୍ତି । ସେଥିରେ କ’ଣ କରିବାକୁ ହେବ ଏବଂ କ’ଣ ନକରିବା ଉଚିତ୍ ?, ତାହା ଦର୍ଶାଯାଇଛି। ଆକ୍ରାନ୍ତ ବ୍ୟକ୍ତିଙ୍କୁ ଆଇସୋଲେସନରେ ରହିବା ପାଇଁ କୁହାଯାଇଛି। ଏହା ଏକ ସଂକ୍ରମିତ ରୋଗ ହୋଇଥିବାରୁ ସମସ୍ତଙ୍କୁ ସାବଧାନତାର ସହ ରହିବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟତଃ ବାରମ୍ବାର ସାବୁନରେ ହାତ ଧୋଇବା, ମୁହଁକୁ ଘୋଡ଼େଇବା, ମାସ୍କ ପିନ୍ଧିବା ଓ ହାତରେ ଗ୍ଲୋଭ୍ସ ପିନ୍ଧିବା ପାଇଁ ଗାଇଡଲାଇନ୍ ଜାରି କରାଯାଇଛି। ସେହିପରି ନିଜ ଆଖପାଖ ପରିବେଶକୁ ସାନାଟାଇଜ୍ କରିବାକୁ କୁହାଯାଇଛି। ଧିରେ ଧିରେ ସଂକ୍ରମଣ ବୃଦ୍ଧି ପାଇବା ପରେ ସାରା ଦେଶରେ ଭୟର ବାତାବରଣ ସୃଷ୍ଟି ହେବାକୁ ଲାଗିଛି। ମଙ୍କିପକ୍ସ ମାମଲାର ଯାଞ୍ଚ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପୂର୍ବରୁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରିଛି। ନିତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଭିକେ ପଲ୍ ଏହି ଟାସ୍କ ଫୋର୍ସର ମୁଖ୍ୟ ଏବଂ ଏହାର ସଦସ୍ୟମାନଙ୍କ ମଧ୍ୟରେ ମନ୍ତ୍ରାଳୟର ଅଧିକାରୀ ଅଛନ୍ତି। ଦେଶର ପ୍ରମୁଖ ଡାକ୍ତରଖାନା ଏବଂ ଗବେଷଣା ଅନୁଷ୍ଠାନର ପ୍ରତିନିଧି ମଧ୍ୟ ଏଥିରେ ଅଛନ୍ତି।

ବିଜେପି ଉପରେ ବର୍ଷିଲେ ତେଜସ୍ୱୀ ଯାଦବ

ପାଟନା: ବିଜେପି ଉପରେ ବର୍ଷିଲେ ତେଜସ୍ୱୀ ଯାଦବ। ବିହାର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଆରଜେଡି ନେତା ତେଜସ୍ୱୀ ଯାଦବ ଭାରତୀୟ ଜନତା ପାର୍ଟି ଉପରେ ଜୋରଦାର ବର୍ଷିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ତେଜସ୍ୱୀ କହିଛନ୍ତି, ଆମ ଉପଲବ୍ଧ ଏହା ଯେ, ଲୋକମାନେ ଏବେ ହିନ୍ଦୁ-ମୁସଲମାନ କଥା ଛାଡି ରୋଜଗାର ଉପରେ ଚର୍ଚ୍ଚା କରୁଛନ୍ତି। ବେରୋଜଗାରୀ ଓ ରୋଜଗାର ଉପରେ ଏବେ ସକରାତ୍ମକ ବିମର୍ଶ ହେଉଛି ବୋଲି ତେଜସ୍ୱୀ କହିଛନ୍ତି। ଏକ ଭିଡିଓ ଟ୍ୱିଟ୍ କରି ତେଜସ୍ୱୀ କହିଛନ୍ତି, ସବୁ ପ୍ରତିଶ୍ରୁତ ଆମେ ପୂରଣ କରିବୁ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ୍ୟ ଏନେଇ ଆଜି ସୂଚନା ଦେଇଛନ୍ତି। ତେବେ ଥରେ ସେମାନଙ୍କୁ ମଧ୍ୟ ୨ କୋଟି ଚାକିରି କଥା ପଚରାଯାଉ ବୋଲି ତେଜସ୍ୱୀ କହିଛନ୍ତି । ତା ସହିତ ବିଜେପି ଗତ ଦୁଇ ବର୍ଷ ହେଲା ଶାସନରେ ରହିଲା, ହେଲେ ୧୯ ଲକ୍ଷ ଚାକିରି ପ୍ରତିଶ୍ରୁତିରୁ ସେ ୧୯ଟି ରୋଜଗାର ଦେଇଛନ୍ତି କି ? ବୋଲି ତେଜସ୍ୱୀ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଆରଜେଡି ନେତା ଶିବାନନ୍ଦ ତିୱାରୀ ହର ଘର ତ୍ରିରଙ୍ଗା ଅଭିଯାନ ଜରିଆରେ ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ବିଜେପି ଜାତୀୟ ପତାକାକୁ ଅପମାନ କରୁଛି। ଦେଶର ଜାତୀୟ ପତାକା ଦେଶର ପ୍ରତୀକ ଅଟେ। ଜାତୀୟ ପତାକାର ରାଜନୈତିକ ବ୍ୟବହାର କରିବା ଏହାର ପବିତ୍ରତା ଓ ମାନ ମର୍ଯ୍ୟାଦା ପ୍ରତି ଅପମାନ ଅଟେ ବୋଲି ସେ କହିଛନ୍ତି। ଅନ୍ୟପଟେ ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଜେପିର ମାତୃ ସଙ୍ଗଠନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତ୍ରିରଙ୍ଗାକୁ ଅଶୁଭ କହିଥିଲା। ଲମ୍ବା ସମୟ ଧରି ସଂଘ ଆମ ଜାତୀୟ ପତାକାର ବହିଷ୍କାର କରିଥିଲା। ଏମିତି କି ୨୦୦୧ ମସିହା ପର୍ଯ୍ୟନ୍ତ ନାଗପୁର ସ୍ଥିତ ଆରଏସଏସ୍ ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ପତାକା ଲଗାଯାଇନଥିଲା। ହେଲେ ଆଜି ସେହି ସଂଘ ହର ଘର ତ୍ରିରଙ୍ଗା ଅଭିଯାନ ଚଳାଇ ଦେଶରେ ଭକ୍ତିର ବାତାବରଣ ସୃଷ୍ଟି କରୁଛି ବୋଲି କହିଛନ୍ତି ଆରଜେଡି ନେତା ଶିବାନନ୍ଦ ତିୱାରୀ ।

‘ହର ଘର ତ୍ରିରଙ୍ଗା’ ଅଭିଯାନରେ ସାମିଲ ହେଲେ ପ୍ରଧାନମନ୍ତ୍ରୀଙ୍କ ମା’

ଅହମ୍ମଦାବାଦ: ପ୍ରଧାନମନ୍ତ୍ରୀଙ୍କ ଡାକରା ‘ହର ଘର ତ୍ରିରଙ୍ଗା’ ଅଭିଯାନରେ ସାମିଲ ହୋଇଛନ୍ତି ତାଙ୍କ ମା’। ଚଳିତ ଜୁନ୍‌ରେ ଶହେ ବର୍ଷରେ ପଦାର୍ପଣ କରିଥିବା ମୋଦିଙ୍କ ମା’ ହୀରବା ମୋଦି ଶନିବାର ଗୁଜରାଟରେ ଅହମ୍ମଦାବାଦର ଗାନ୍ଧିନଗରରେ ଜାତୀୟ ପତାକା ବଣ୍ଟନ କରିଛନ୍ତି। ତାଙ୍କ ବାସଭବନ ନିକଟରେ କିଛି ସ୍କୁଲ ପିଲାଙ୍କୁ ଜାତୀୟ ପତାକା ବଣ୍ଟନ କରିଥିଲେ। ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ତିନି ଦିନିଆ ହର ଘର ତିରଙ୍ଗା ଅଭିଯାନ ଆରମ୍ଭ କରିଛନ୍ତି। ଶନିବାର ରାଜଧାନୀର ଶିଶୁ ବିଶ୍ୱବିଦ୍ୟାଳୟରେ ସେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ପତାକା ଉତ୍ତୋଳନ କରିଥିଲେ। ଏହି ଅଭିଯାନରେ ସାମିଲ ହୋଇ ହୀରବା ମୋଦି ତାଙ୍କ ବାସଭବନରେ ପିଲାମାନଙ୍କୁ ଜାତୀୟ ପତାକା ବଣ୍ଟନ କରିଥିଲେ। ଏଥିସହ ପିଲାମାନଙ୍କ ଗହଣରେ ସେ ଜାତୀୟ ପତାକା ଉଡ଼ାଇଥିଲେ। ହୀରବା ପ୍ରଧାନମନ୍ତ୍ରୀଙ୍କ ସାନଭାଇ ସାନଭାଇ ପଙ୍କଜ ମୋଦିଙ୍କ ସହ ରୁହନ୍ତି। ଗୁଜୁରାଟର ବିଭିନ୍ନ ସ୍ଥାନରେ ବିଜେପି ବିଧାୟକ ଏବଂ ମନ୍ତ୍ରୀମାନେ ତ୍ରିରଙ୍ଗା ଅଭିଯାନରେ ନିଜକୁ ସାମିଲ କରିଛନ୍ତି। ଏହି ଅବସରେ ବିଭିନ୍ନ ସ୍ଥାନରେ ରାଲି ମଧ୍ୟ ହୋଇଥିଲା। ଏହାପୂର୍ବରୁ ଗୁଜରାଟ ବିଜେପି ସଭାପତି ସିଆର ପାଟିଲ, ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା, ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ଉପସ୍ଥିତିରେ ସାତ କିଲୋମିଟର ତ୍ରିରଙ୍ଗା ରାଲିରେ ଭାଗ ନେଇଥିଲେ। ସୂଚନା ଅନୁଯାୟୀ, ‘ଅମୃତ ମହୋତ୍ସବ’ ଅବସରରେ ଦେଶବ୍ୟାପୀ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି । ଏଥିପାଇଁ ହର ଘର୍ ତ୍ରିରଙ୍ଗା ସ୍ଲୋଗାନରେ ପଦଯାତ୍ରା ଆରମ୍ଭ ହୋଇଛି । ଅଗଷ୍ଟ ୧୩ ରୁ ୧୫ ଯାଏଁ ପ୍ରତି ଘରେ ତ୍ରିରଙ୍ଗା ଲଗାଇବା ପାଇଁ ଆହ୍ୱାନ କରିଛନ୍ତି ମୋଦି।

ପୁଣି କରୋନାରେ ସଂକ୍ରମିତ ସୋନିଆ ଗାନ୍ଧି

ନୂଆଦିଲ୍ଲୀ: ପୁଣିଥରେ ମହାମାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧି। ଆଜି ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିବା ଦଳର ବରିଷ୍ଠ ନେତା ଜୟରାମ ରମେଶ ଟ୍ୱିଟ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୋନିଆ ଗାନ୍ଧି କରୋନାରେ ଆକ୍ରାନ୍ତ ହୋଇଥିବାରୁ ଏବେ ଆଇସୋଲେସନରେ ଅଛନ୍ତି। ଏଥିସହ ସରକାରଙ୍କ ପକ୍ଷରୁ ଜାରି ସବୁ ପ୍ରୋଟକଲ ପାଳନ କରୁଛନ୍ତି। ଏହା ପୂର୍ବରୁ ଜୁନ୍ ମାସରେ ମଧ୍ୟ ସୋନିଆ କରୋନାରେ ଆକ୍ରାନ୍ତ ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ଯେ ତାଙ୍କୁ ବେଶ କିଛି ଦିନ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ସେଠାରୁ ବାହାରିବା ପରେ କୋଭିଡ ପ୍ରୋଟକଲ ଅନୁସାରେ ତାଙ୍କୁ ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ପଚରାଉଚରା କରିଥିଲା। ଏପରି କି ସେ କଂଗ୍ରେସ ପକ୍ଷରୁ ଅଗଷ୍ଟ ୫ରେ ଦରବୃଦ୍ଧି ବିରୋଧରେ ହୋଇଥିବା ବିଶାଳ ବିକ୍ଷୋଭ ସଭାରେ ମଧ୍ୟ ସାମିଲ ହୋଇଥିଲେ। ସବୁ କିଛି ଠିକ ଠାକ ଚାଲିଥିବା ବେଳେ ଶୁକ୍ରବାର ସେ ଶରୀରରେ ସାମାନ୍ୟ ଥଣ୍ଡା ଓ ଜ୍ୱର ଅନୁଭବ କରିଥିଲେ। ଏହାପରେ ସେ ଟେଷ୍ଟ କରିବାରୁ ଆଜି ତାଙ୍କ ରିପୋର୍ଟ ପଜଟିଭ ଆସିଛି। ଅଗଷ୍ଟ ୧୦ରେ ପ୍ରିୟଙ୍କା ଗାନ୍ଧି ଭଦ୍ରା ମଧ୍ୟ ଦ୍ୱିତୀୟ ଥର ପାଇଁ କରୋନାରେ ଆକ୍ରାନ୍ତ ହୋଇଥିଲେ। ସେ ନିଜ ଏ ସମ୍ପର୍କରେ ସୂଚନା ଦେବା ସହ ଆଇସୋଲେସନରେ ଥିବା କହିଥିଲେ। ଜୁନ୍ ମାସରେ ମଧ୍ୟ ସୋନିଆଙ୍କ ଭଳି ପ୍ରିୟଙ୍କା କରୋନାରେ ସଂକ୍ରମିତ ହୋଇଥିଲେ।

ଜାତିଗତ ଜାଲିଆତି ମାମଲାରେ ସମୀର ୱାଙ୍ଖଡେଙ୍କୁ କ୍ଲିନଚିଟ୍

ନୂଆଦିଲ୍ଲୀ: ଏନ୍‌ସିବିର ପୂର୍ବତନ ଅଧିକାରୀ ସମୀର ୱାଙ୍ଖଡେଙ୍କୁ କ୍ଲିନ ଚିଟ୍। ଜାତିଗତ ପ୍ରମାଣ ପତ୍ରରେ ଫର୍ଜୁରୀ କରି ଚାକିରି ଆବେଦନ କରିଥିବା ଅଭିଯୋଗରେ କ୍ଲିନ ଚିଟ୍ ମିଳିବା ପରେ ପ୍ରତିକ୍ରିୟା ରଖିଛନ୍ତି ସମୀର ୱାଙ୍ଖଡ଼େ। ତାଙ୍କ ପରିବାରକୁ ଟାର୍ଗେଟ୍ କରାଯାଇଥିବାରୁ ସେ ଅତ୍ୟନ୍ତ ମର୍ମାହତ ବୋଲି ସମୀର କହିଛନ୍ତି। ସେ କହିଛନ୍ତି ଯେ ସେ ତାଙ୍କୁ ପୂରା ଜୀବନ ଲୋକଙ୍କ ସେବାରେ ଲଗାଇଦେଲେ। କିନ୍ତୁ ଦୁଃଖ ଏତିକି ଯେ ତାଙ୍କ ମୃତ ମାଆ ଓ ପରିବାର ଲୋକଙ୍କୁ ବି ଛଡ଼ାଗଲାନି। ପରିବାର ହତବାକ ଥିଲା ଓ ମୋ ମନୋବଳ ଭାଙ୍ଗିଯାଇଥିଲା ବୋଲି ସମୀର ୱାଙ୍ଖଡ଼େ କହିଛନ୍ତି। ସୂଚନା ଥାଉକି, ସମୀର ୱାଙ୍ଖଡ଼େ ମୁମ୍ବାଇର ଏନ୍‌ସିବି ମୁଖ୍ୟ ଥିବା ବେଳେ ବଲିଉଡ୍ର ଡ୍ରଗ୍ସ କାରବାର ନେଇ ଚଢ଼ାଉ ଜାରି ରଖିଥିଲେ। କ୍ରୁଜ୍ ଡ୍ରଗ୍ସ ମାମଲାରେ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟାନ ଖାନ୍‌ଙ୍କୁ ଗିରଫ କରାଯାଇଥିଲା। ଏହାପରଠାରୁ ସମୀରଙ୍କ ବିରୋଧରେ ଜାତିଗତ ପ୍ରମାଣ ଭୁଲ୍ ଦେଇଥିବା ଅଭିଯୋଗ ଆଣିଥିଲେ ମହାରାଷ୍ଟ୍ର ସରକାର। ଏହାପରେ ତାଙ୍କୁ ପଦରୁ ହଟାଇବା ସହ ତାଙ୍କ ହାତରୁ ବିଭାଗ କାଢ଼ି ନିଆଯାଇଥିଲା ଓ ତାଙ୍କୁ ଦିଲ୍ଲୀ ଟ୍ରାନ୍ସଫର କରାଯାଇଥିଲା। ଏହି ମାମଲାରେ କାଷ୍ଟ ସ୍କ୍ରୁଟିନି କମିଟି ତଦନ୍ତ କରି ସମୀର ୱାଙ୍ଖଡ଼େ ଜନ୍ମରୁ ହିନ୍ଦୁ ଥିଲେ ବୋଲି କହିବା ସହିତ ତାଙ୍କ ଜାତିଗତ ପ୍ରମାଣପତ୍ରକୁ କାଏମ ରଖିଛି। ସମୀର ଓ ତାଙ୍କ ପିତା ଜ୍ଞାନେଶ୍ୱର ୱାଙ୍ଖଡ଼େ ହିନ୍ଦୁ ଧର୍ମକୁ ଛାଡ଼ି ନଥିଲେ ବୋଲି କମିଟି କହିଛି। ସମୀର ଓ ତାଙ୍କ ବାପା ମହାନ-୩୭ ଅନୁସୂଚିତ ଜାତିର ବୋଲି କମିଟି କହିଛନ୍ତି।

‘ବିନା ତଦନ୍ତରେ ମତେ ଫସାଯାଉଛି’

ନୂଆଦିଲ୍ଲୀ: ନୋଏଡାର ଏକ ହାଉସିଙ୍ଗ୍ ସୋସାଇଟିରେ ଜଣେ ମହିଳାଙ୍କୁ ଆକ୍ରମଣ କରିଥିବା ଯୁବକ ଶ୍ରୀକାନ୍ତ ତ୍ୟାଗୀଙ୍କୁ ମଙ୍ଗଳବାର ନୋଏଡା ପୁଲିସ୍ ଗିରଫ କରିଥିଲା। ଶ୍ରୀକାନ୍ତଙ୍କୁ ପଚରାଉଚରା ପରେ ପୁଲିସ କମିଶନର ଆଲୋକ ସିଂ କହିଥିଲେ ଯେ, ପଚରାଉଚରା ବେଳେ ଅଭିଯୁକ୍ତ ଜଣକ କହିଥିଲେ ଯେ ତାଙ୍କ ଗାଡିରେ ଲଗାଯାଇଥିବା ବିଧାନସଭା ସଚିବାଳୟର ଷ୍ଟିକର ତାଙ୍କୁ ସମାଜବାଦୀ ପାର୍ଟି(ସପା) ନେତା ସ୍ୱାମୀ ପ୍ରସାଦ ମେର୍ଯ୍ୟ ଦେଇଥିଲେ। ଆଉ ଏହି ମାମଲାରେ ତାଙ୍କ ନାମ ଆସିବା ପରେ ଏସପି ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଗାଜିଆବାଦ ପୁଲିସ କମିଶନର ଆଲୋକ ସିଂଙ୍କ ବିରୋଧରେ ଲିଗାଲ ନୋଟିସ ପଠାଇଛନ୍ତି। ମୌର୍ଯ୍ୟ ୧୧.୫ କୋଟିରୁ ଅଧିକ ଟଙ୍କାର ମାନହାନି ନୋଟିସ ପଠାଇଛନ୍ତି। ଏହାକୁ ନେଇ ସ୍ୱାମୀ କହିଛନ୍ତି ଯେ ତଥ୍ୟ ଯାଞ୍ଚ ନକରି ପୁଲିସ ତାଙ୍କ ନାମକୁ ଦାୟିତ୍ୱହୀନ ଭାବେ ପ୍ରକାଶ କରିଛି ଏବଂ ତାଙ୍କ ଭାବମୂର୍ତ୍ତିକୁ ନଷ୍ଟ କରିବାକୁ ଚେଷ୍ଟା କରାଯାଉଛି। ସେ ଆଜି ଏକ ଟ୍ୱିଟ୍ କରି କହିଛନ୍ତି, ‘ପୁଲିସ କମିଶନର ଶ୍ରୀକାନ୍ତ ତ୍ୟାଗୀ ମାମଲାରେ, ଦାୟିତ୍ୱହୀନ ଭାବରେ ଅନୁସନ୍ଧାନ ନ କରି, ଗଣମାଧ୍ୟମ ମାଧ୍ୟମରେ ସମଗ୍ର ଦେଶରେ ମୋର ଭାବମୂର୍ତ୍ତି ତଥା ଲୋକପ୍ରିୟତାକୁ ଖରାପ କରିବାକୁ ଚେଷ୍ଟା କରିଛି। ଆଉ ଏହି ପ୍ରସଙ୍ଗରେ ବଦନାମ ପାଇଁ ମୁଁ ପୁଲିସ କମିଶନରଙ୍କୁ ଏକ ଲିଗାଲ ନୋଟିସ୍ ପଠାଇଛି। ସେହିପରି ବିଜେପିକୁ ଟାର୍ଗେଟ କରି ସ୍ୱାମୀ କହିଛନ୍ତି ଯେ ବିଜେପି ନିଜର ପାପର ଚାଦର ଆଉ କାହା ଉପରେ ପକାଇବାକୁ ଚେଷ୍ଟା କରୁଛି। ବିଜେପି ନିଜର ପାପକୁ ଲୁଚାଇବା ପାଇଁ ପ୍ରସଙ୍ଗ ତିଆରି କରୁଛି। ଯେତେବେଳେ ସେମାନେ ଦେଖିଲେ ଯେ ତ୍ୟାଗୀଙ୍କ ପାଇଁ ବିଜେପି ବଦନାମ ହେଉଛି, ତା’ପରେ ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କୁ ମୋହରା କରାଯାଇଛି।

ଯୁଦ୍ଧ ଭିତରେ ଭୁଶୁଡିଲା ଋଷର ଅର୍ଥନୀତି !



ନୂଆଦିଲ୍ଲୀ: ୟୁକ୍ରେନ ଉପରେ ଋଷର ଆକ୍ରମଣ ଏବେ ବି ଜାରି ରହିଛି। ଲକ୍ଷ ଲକ୍ଷ ସୈନ୍ୟ ସହ କୋଟି କୋଟି ଟଙ୍କାର ଯୁଦ୍ଧାସ୍ତ୍ର ବିନିଯୋଗ କରି ଋଷ ୟୁକ୍ରେନକୁ ଦଖଲ କରିବାକୁ ଲାଗିପଡିଥିବା ବେଳେ ଏବେ ଚୀନର ଅର୍ଥନୀତି ଭୂଷୁଡି ପଡିଛି। ମସ୍କୋରୁ ପ୍ରକାଶିତ ଏକ ସରକାରୀ ଆକଳନ ମୁତାବକ ପାଶ୍ଚାତ୍ୟ ଦେଶମାନଙ୍କର ପ୍ରତିବନ୍ଧକ ଫଳରେ ଋଷର ଅର୍ଥନୀତି ଦୁର୍ବଳ ହେବାରେ ଲାଗିଛି। ୨୦୨୧ ମସିହା ଏପ୍ରିଲ ରୁ ଜୁନ ତୈମାସିକ ତୁଳନାରେ ଚଳିତ ଏପ୍ରିଲରୁ ଜୁନ ମଧ୍ୟରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ୪.୦ ପ୍ରତିଶତ ହ୍ରାସ ପାଇଛି ବୋଲି ଡିପିଏ ନ୍ୟୁଜ ଏଜେନ୍ସି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟକୁ ସୂଚନା ଦେଇଛି। ସେପଟେ ଋଷର ଅର୍ଥନୀତିଜ୍ଞମାନେ ଆଶା କରିଥିଲେ କି ଗତ ବର୍ଷ ଏପ୍ରିଲରୁ ଜୁନ ତ୍ରୈମାସିକ ଜିଡିପି ତୁଳନାରେ ଅନୁରୂପ ଚଳିତ ବର୍ଷର ଜିଡିପି ୪.୭ ପ୍ରତିଶତ ହ୍ରାସ ପାଇପାରେ। ଏପଟେ ଏବେକାର ଜିଡିପି ତୁଳନାରେ ଋଷ ୨୦୧୮ ରେ ଯେଉଁ ଜିଡିପି ଥିଲା ସେହି ସ୍ତରରେ ପହଞ୍ଚିଯାଇଛି। କହିରଖୁ କି ଚଳିତବର୍ଷ ଫେବୃଆରୀ ମାସରେ ଋଷ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲା। ଏହି ଆକ୍ରମଣକୁ ବିରୋଧ କରି ଆମେରିକା ସହ ବିଶ୍ୱର ଅନେକ ପଶ୍ଚିମ ଦେଶମାନେ ଋଷ ଉପରେ ବିଭିନ୍ନ ପ୍ରକାର ବ୍ୟବସାୟୀକ ପ୍ରତିବନ୍ଧକ ଲଗାଇଥିଲେ। ଏହି କାରଣରୁ ଋଷର ଅର୍ଥନୀତି ଦୁର୍ବଳ ହୋଇଥିବା କଥା କୁହାଯାଇଛି।

ଚୀନ ଗୁପ୍ତଚର ଜାହାଜକୁ ଶ୍ରୀଲଙ୍କାର ଅନୁମତି

କଲମ୍ବୋ : ଭାରତର ଆପତ୍ତି ସତ୍ତ୍ୱେ ଚୀନର ବିବାଦୀୟ ଜାହାଜ ୟୁଆନ ୱାଙ୍ଗ-୫କୁ ହାମ୍ବନଟୋଟା ବନ୍ଦରରେ ପ୍ରବେଶ ଅନୁମତି ଦେଇଛନ୍ତି ଶ୍ରୀଲଙ୍କା ସରକାର । ଏହା ଫଳରେ ଆସନ୍ତା ୧୬ ତାରିଖରେ ଏହି ଜାହାଜ ହାମ୍ବନଟୋଟା ବନ୍ଦରରେ ପ୍ରବେଶ କରିବ ଓ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ରହିବ। ଚୀନ ଏହାକୁ ଏକ ଗବେଷଣା ଜାହାଜ କହୁଥିବାବେଳେ ଭାରତ ଏହାକୁ ଏକ ଗୁପ୍ତଚର ଜାହାଜ ରୂପେ ଦେଖୁଛି, ଯାହାକି ଭାରତର ବିଭିନ୍ନ ସାମରିକ ଓ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଉପରେ ନଜର ରଖିବାକୁ ଆସୁଛି। ଶୁକ୍ରବାର ରାତିରେ ଏହି ଜାହାଜ ଶ୍ରୀଲଙ୍କା ଉପକୂଳଠାରୁ ୧୦୦୦ କିଲୋମିଟର ଦକ୍ଷିଣ-ପୂର୍ବ ଦିଗରେ ଥିଲା। ଏହା ଧୀରେ ଧୀରେ ଉପକୂଳ ଆଡ଼କୁ ଗତି କରୁଛି। ଶ୍ରୀଲଙ୍କାର ବନ୍ଦର ମନ୍ତ୍ରୀ ନିର୍ମଳ ପି ସିଲଭା କହିଛନ୍ତି ଯେ ଏହି ଜାହାଜକୁ ପ୍ରବେଶ ଅନୁମତି ପାଇଁ ବୈଦେଶିକ ମନ୍ତ୍ରାଳୟ ସବୁଜ ସଂକେତ ଦେଇଛି। ଏହା ଏକ ମିସାଇଲ ଟ୍ରାକିଂ ସିପ୍ ହୋଇଥିବାରୁ ଏହାକୁ ନେଇ ଭାରତ ଚିନ୍ତା ପ୍ରକଟ କରିଥିଲା। ଶ୍ରୀଲଙ୍କା ବନ୍ଦରରେ ଥାଇ ଏହି ଜାହାଜ ସମଗ୍ର ଦକ୍ଷିଣ ଭାରତ ଉପରେ ନିଜର ରଖିପାରିବ। ଭାରତ ପକ୍ଷରୁ ଏହି ଚିନ୍ତା ଶ୍ରୀଲଙ୍କାକୁ ଜଣାଇଦିଆଯିବା ପରେ ଏହି ଜାହଜର ଆଗମନକୁ ବିଳମ୍ବିତ କରିବାକୁ କଲମ୍ବୋ ଚୀନକୁ କହିଥିଲା।

ପୂର୍ବରୁ ଏହା ୧୧ ଅଗଷ୍ଟରେ ଆସିବାକୁ ଥିବାବେଳେ ଏବେ ପ୍ରାୟ ୫ ଦିନ ବିଳମ୍ବରେ ୧୬ ତାରିଖରେ ଶ୍ରୀଲଙ୍କାର ହାମ୍ବନଟୋଟା ବନ୍ଦରରେ ପ୍ରବେଶ କରିବ।

କରୋନା ଉପରେ କିମଙ୍କ ବିଜୟ ଘୋଷଣା ପରେ ହଟିଲା ସବୁ କଟକଣା

ସେଓଲ: ମହାମାରୀ କରୋନା ଉପରେ ଉତ୍ତର କୋରିଆ ବିଜୟପ୍ରାପ୍ତ କରିଥିବା ଘୋଷଣା କରିଛନ୍ତି ରାଷ୍ଟ୍ରପତି କିମ ଜଙ୍ଗ ଉନ୍। ତାଙ୍କର ଏହି ଘୋଷଣା ପରେ ଦେଶରେ କରୋନା ପାଇଁ ଲାଗିଥିବା ସମସ୍ତ କଟକଣାକୁ ହଟାଇ ଦିଆଯାଇଛି। ମାସ୍କ ମଧ୍ୟ ଆଉ ବାଧ୍ୟତାମୂଳକ ନୁହେଁ ବୋଲି ଉତ୍ତର କୋରିଆ ସରକାର କହିଛନ୍ତି। ଉତ୍ତର କୋରିଆରେ କରୋନା ସଂକ୍ରମଣ ବୃଦ୍ଧି ପାଇଁ କିମ ଜଙ୍ଗ ଉନ ପ୍ରଶାସନ ପଡ଼ୋଶୀ ଦକ୍ଷିଣ କୋରିଆକୁ ଦାୟୀ କରିଥିଲା। ଏପରି କି ଯଦି ପରିସ୍ଥିତି ଅଧିକ ବିଗିଡ଼ିବ, ତା’ହେଲେ ଦକ୍ଷିଣ କୋରିଆକୁ ଧ୍ୱଂସ କରିଦେବ ବୋଲି ଉତ୍ତର କୋରିଆ ଚେତାବନୀ ଦେଇଥିଲା। ଏହି ସବୁ ବିବାଦ ଭିତରେ ଉତ୍ତର କୋରିଆ କରୋନାକୁ ଦେଶରୁ ମୂଳପୋଛ କରିଥିବା କିମ ଜଙ୍ଗ ଉନ ଦାବି କରିଥିଲେ। ଏବେ ସରକାର କହିଛନ୍ତି, ଭାଇରସ ପାଇଁ ଲାଗୁ ହୋଇଥିବା କଟକଣାକୁ ହଟାଇ ଦିଆଯାଉଛି। ଦେଶରେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଥିବାରୁ କଟକଣା ଲାଗିଥିଲା। ହେଲେ ଏହି ସମସ୍ୟାକୁ ଏବେ ନିଷ୍କ୍ରିୟ କରି ଦିଆଯାଇଛି। କିଛି ଦିନ ପାଇଁ ଦେଶରେ ପ୍ରବେଶ କରିଥିବା ଭାଇରସ କବଳରୁ ଦେଶ ଏବେ ସଂପୂର୍ଣ୍ଣ ମୁକ୍ତ ହୋଇଛି ବୋଲି ଉତ୍ତର କୋରିଆ ସରକାର କହିଛନ୍ତି। ସରକାର ଆହୁରି କହିଛନ୍ତି, ଦେଶ ଭିତରେ ଆଉ ମାସ୍କ ବାଧ୍ୟତାମୂଳକ ନୁହେଁ। କିନ୍ତୁ ଦେଶର ସୀମାନ୍ତ ଅଞ୍ଚଳର ସହର ଓ ସେଠାରେ କାମ କରୁଥିବା ଲୋକଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ। ଏହାଦ୍ୱାରା ପୂରା ଦେଶ ଭାଇରାସ କବଳରୁ ମୁକ୍ତ ରହିପାରିବ। ମେ’ ମାସରେ ଉତ୍ତର କୋରିଆରେ ପ୍ରଥମ କରୋନା ଭାଇରସ ରୋଗୀ ଚିହ୍ନଟ ହୋଇଥିଲେ। ଏହାପରେ ଦେଶରେ ସଂକ୍ରମଣ ହୁହୁ ହୋଇ ବଢୁଥିବା ଖବର ମିଳିଥିଲା। ହେଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସି ପାରୁ ନଥିଲା। ସଂକ୍ରମଣ ବଢୁଥିବା ବେଳେ ହଠାତ୍ ଗତ ସପ୍ତାହରେ କିମ ଜଙ୍ଗ ଉନ ସାମ୍ନାକୁ ଆସି ଉତ୍ତର କୋରିଆ କରୋନାକୁ ହରାଇ ଦେଇଥିବା କହିଥିଲେ। ଏଥିସହ ସରକାର ବିଜୟ ସଙ୍କେତ ପ୍ରଦର୍ଶନ କରି କରୋନା ବିପକ୍ଷରେ ବିଜୟ ଘୋଷଣା କରିଥିଲେ।

ବିହାରରେ ଏନ୍‌ଡିଏକୁ ଲାଗିବ ଝଟକା ; ଜେଡିୟୁରେ ସାମିଲ ହେଲେ ତିନି ସାଂସଦ

ପାଟନା: ବିହାରରେ ଏନଡିଏକୁ ଆଉ ଏକ ବଡ ଝଟକା ଲାଗିପାରେ। ଚର୍ଚ୍ଚା ମୁତାବକ ତିନିଜଣ ଏନଡିଏ ସାଂସଦ ଜେଡିୟୁ ରେ ଯୋଗ ଦେଇପାରନ୍ତି। ଯଦି ଏହା ହୁଏ ତେବେ ଏନଡିଏ ଏବଂ ବିଜେପି ପାଇଁ ଏହା ଏକ ବଡ ଝଟକା ହେବ। ନିକଟରେ ଜେଡିୟୁ ଭାରତୀୟ ଜନତା ପାର୍ଟି ସହ ସମ୍ପର୍କ ଭାଙ୍ଗି ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସହିତ ସରକାର ଗଠନ କରିଥିଲା। ଆଉ ସୂଚନା ଆସୁଛି ଯେ ତିନିଜଣ ଆରଏଲଜେପି ସାଂସଦ ଜେଡିୟୁକୁ ଯିବାକୁ ପ୍ରସ୍ତୁତି ଚଳାଇଛନ୍ତି। ତିନି ଜଣ ସାଂସଦ ଜେଡିୟୁରେ ମିଶିଗଲେ ଆରଏଲଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ପଶୁପତି ପାରସଙ୍କୁ ଧକ୍କା ଲାଗିପାରେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସାଂସଦ ଚନ୍ଦନ ସିଂ, ବୀଣା ଦେବୀ, ମେହବୁବ ଅଲି କେସର ଜେଡିୟୁକୁ ସମର୍ଥନ କରିପାରନ୍ତି। ଆରଏଲଜେପିରେ ୫ ଜଣ ସାଂସଦ ଅଛନ୍ତି, ଅର୍ଥାତ୍ ଯଦି ତିନିଜଣ ସାଂସଦ ଜେଡିୟୁରେ ଯୋଗ ଦିଅନ୍ତି, ତେବେ ଏଥିରେ କେନ୍ଦ୍ର ମନ୍ତ୍ରୀ ପଶୁପତି କୁମାର ପାରସ ଏବଂ ତାଙ୍କ ପୁଅ ପ୍ରିନ୍ସ ରାଜ ହିଁ ଲୋକସଭା ସାଂସଦ ରହିବେ। ସୂଚନା ଥାଉ କି ଯେ ‘ଏଲଜେପି’ ମୁଖ୍ୟ ରାମ ବିଳାସ ପାସୱାନଙ୍କ ମୃତ୍ୟୁ ପରେ ଦଳ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା। ଆଉ ଏଲଜେପିର ସମୁଦାୟ ୬ ଜଣ ସାଂସଦ ଥିଲେ। ଏହା ପରେ ଏଲଜେପିର ଗୋଟିଏ ଦଳ ଚିରାଗ ପାସୱାନଙ୍କ ହାତକୁ ଆସିଥିବାବେଳେ ଅନ୍ୟ ଦଳକୁ ପଶୁପତି ସମ୍ଭାଳିଥିଲେ। ଦଳରେ ବିଦ୍ରୋହ ପରେ ପଶୁପତି କୁମାର ପାରସଙ୍କୁ ୫ ଜଣ ସାଂସଦଙ୍କ ସମର୍ଥନ ମିଳିଥିଲା, ସେଥିପାଇଁ ତାଙ୍କୁ ମୋଦୀ ସରକାରରେ ମନ୍ତ୍ରୀ କରାଯାଇଥିଲା।